## ସଂକ୍ଷେପରେ

### ଅଳିଆଗଦା ନିଆଁରୁ ଜଳିଗଲା ଟ୍ରକ୍

କଣିହାଁ,୨୯।୧(ଡି.ଏନ୍.ଏ.)-କଣିହାଁ ବ୍ଲକ ମସୁଣିହତା ଗ୍ରାମ ନିକଟରେ ଅଳିଆଗଦାରେ ଲାଗିଥିବା ନିଆଁରୁ ଅଗ୍ନିକାଣ୍ଡ ଘଟି ଏକ ଟ୍ରକ୍ (ନଂ. ଓଆର୍ ୧୪ ଆର୍ ୬୭୦୫) ଜଳିଯାଇଛି। କଣିହାଁ ଏବଂ ଜେଆଇଟିପିଏଲ୍‌ର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଡେରେଙ୍ଗ ଅଞ୍ଚଳରେ ଚିପ୍ସ ଅନ୍‌ଲୋଡ୍ କରି ଉକ୍ତ ଟ୍ରକ୍ ଫେରୁଥିବାବେଳେ ମସୁଣୀହତା ଗ୍ରାମ ରାସ୍ତାରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଡ୍ରାଇଭର ଜଣକ ମେକାନିକ୍‌କୁ ଡାକି ଆଣିବା ପାଇଁ ଯାଇଥିଲେ। ଏହି ସମୟରେ କେହି ଜଣେ ଅଳିଆଗଦାରେ ନିଆଁ ଲଗାଇ ଦେଇଥିଲେ। ସେଥିରୁ ନିଆଁ ଝୁଲ ଉଡ଼ି ଟ୍ରକ୍ ଜଳିଯାଇଥିଲା। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲେ ମଧ୍ୟ ପୋଲିସ ନିଜ ଆଡୁ ତଦନ୍ତ କରିବ ବୋଲି ଆଇଆଇସି କିଶୋର କୁମାର ସାମଲ ସୂଚନା ଦେଇଛନ୍ତି।


ଟ୍ରକ୍ ଜଳିଯାଇଛି।

# ‘ହୃଦୟର କଥା କହୁଥିବା ସାହିତ୍ୟ କାଳଜୟୀ’



କାର୍ଯ୍ୟକ୍ରମରେ କବି, କବୟିତ୍ରୀ ଏବଂ ଅନୁଷ୍ଠାନର କର୍ମକର୍ତ୍ତା।

- ତାଳଚେର ପୁସ୍ତକ ମେଳା ପଞ୍ଚମ ଦିବସ
- ଶ୍ରୋତାଙ୍କୁ ବାନ୍ଧିରଖିଲା ଅଣୁଗଳ୍ପ, କବିତା

ତାଳଚେର, ୨୯।୧(ନି.ପ୍ର.)

ମଣିଷ ହୃଦୟର କଥା କହୁଥିବା ସାହିତ୍ୟ କାଳଜୟୀ ହୋଇଥାଏ। ସମାଜର ବିଭିନ୍ନ ସମସ୍ୟା, ମଣିଷ ଜୀବନରେ ଘଟୁଥିବା ଘଟଣା, ଦୁର୍ଘଟଣା ଏବଂ ଜୀବନଧର୍ମୀ ସାହିତ୍ୟ ରଚନା କଲେ ତାହା ଆଦୃତ ହେବ। ଏ ଦିଗରେ କଲମ ଚାଳନା କରିବାକୁ ସାହିତ୍ୟିକଙ୍କୁ ଆହ୍ୱାନ ଦେଇଛନ୍ତି ତାଳଚେର କଳା ସାହିତ୍ୟ ସଂସ୍କୃତି ପରିଷଦର ସଭାପତି ଡ. ପ୍ରଶାନ୍ତ କୁମାର ରଥ। ବିଂଶତମ ତାଳଚେର ପୁସ୍ତକ ମେଳାର ୫ମ ଦିବସରେ ପରିଷଦ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ଅଣୁଗଳ୍ପ ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସେ ଏହା କହିଛନ୍ତି।

ଅନୁଷ୍ଠାନର ସମ୍ପାଦକ ଦୀପକ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ଆଇନଜୀବୀ ଯଦୁମଣି ସାହୁ, ଡ. କଳ୍ପନା ବୋଇତି, ସୌଭାଗିନୀ ଦାସ, ଅରୁଣ ଗଡ଼ନାୟକ, ବିଭୂତି ଭୂଷଣ ସ୍ୱାଇଁ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ସାରସ୍ୱତ ସମାବେଶରେ ବହୁ କବି, କବୟିତ୍ରୀ, ଗାଳ୍ପିକ ଯୋଗଦେଇ ସ୍ୱରଚିତ ଅଣୁଗଳ୍ପ ଏବଂ କବିତା ପାଠ କରିଥିଲେ, ଯାହା ଶ୍ରୋତାଙ୍କୁ ବାନ୍ଧି ରଖିଥିଲା। ସହ ସମ୍ପାଦିକା ଦୀପ୍ତିରାଣୀ ସିଂ ମଞ୍ଚ ପରିଚାଳନା କରିଥିଲେ।

କବୟିତ୍ରୀ ଲତିକା ମହାପାତ୍ର, ଗୋଲାପ ନନ୍ଦ, ସୌଭାଗିନୀ ଦାସ, କଳ୍ପନା ବୋଇତି, ଅନୁପମା ପ୍ରଧାନ, କଳ୍ପନା ନାଏକ, ଝରଣା ବାରିକ, ଶୁଭଲକ୍ଷ୍ମୀ ଭଞ୍ଜ, ମମତାବାଳା ହୋତା, ଗୁଣନିଧି ସାମଲ, ସୁନୀଲ ସିଂ, ଋଷଭ ବେହେରା, ପ୍ରଣବ ଗଡ଼ନାୟକ, ବିଭୂତି ଭୂଷଣ ସ୍ୱାଇଁ, ଯଦୁମଣି ସାହୁ, ଜାନକୀ ଶତପଥୀ, ସୁଶୀଲ କୁମାର ପ୍ରଧାନ, ହରିହର ଭୁକ୍ତା, ଅରୁଣ ଗଡ଼ନାୟକ, ପ୍ରଶାନ୍ତ ଶତପଥୀ, ମାଗୁଣି ପ୍ରଧାନ, ଚନ୍ଦ୍ର ବିଜୟୀ ମିଶ୍ର, କରୁଣାକର ବାଇଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କବି କବିତା ଓ ମିନିଗଳ୍ପ ପାଠ କରିଥିଲେ। ତାଳଚେର ପୁସ୍ତକ ମେଳା କମିଟି ସମ୍ପାଦକ ଦେବୀ କିଶୋର ମିଶ୍ର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଛନ୍ତି। ଆଗାମୀ ବର୍ଷ ଏହାକୁ ରାଜ୍ୟସ୍ତରୀୟ ସାହିତ୍ୟ ଆସରରେ ପରିଣତ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଉପସଭାପତି ଜିତେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କୁଲାଡ଼ ମହିମା ଟୁଙ୍ଗିରେ ବାଲ୍ୟଲୀଳା

ବଅଁରପାଳ, ୨୯।୧(ଡି.ଏନ.ଏ.)

ବଅଁରପାଳ ବ୍ଲକ କୁଲାଡ଼ସ୍ଥିତ ମହିମା ଟୁଙ୍ଗିରେ ମହାନିତ୍ୟ ମହିମା ସମାଜ ତରଫରୁ ବାର୍ଷିକ ବାଲ୍ୟଲୀଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶନିବାର ସନ୍ଧ୍ୟାରେ ୨୧ ଶାଖା ବିଶିଷ୍ଟ ଝାଡ଼ ଦୀପ ପ୍ରଜ୍ୱଳନ ସହ ଅଖଣ୍ଡ ବ୍ରହ୍ମଧୁନି ସ୍ଥାପନ କରାଯାଇଥିଲା। ଜଗତମଙ୍ଗଳ କାମନା କରି ଅଖଣ୍ଡବତିରେ ଘୃତାହୁତି ପ୍ରଦାନ କରାଯାଇଥିଲା। ବହୁ ମହିମା ଅନୁଗାମୀ, ସାଧୁସନ୍ଥ ଉପସ୍ଥିତ ଥିବାବେଳେ ଅଲେଖ ମହିମା ଧ୍ୱନିରେ ସମଗ୍ର ଅଞ୍ଚଳର ପ୍ରକମ୍ପିତ ହୋଇଉଠିଥିଲା। ବନ୍ଧା, ଅଙ୍ଗାରବନ୍ଧ, ଖଳିବେରିଣି ଗ୍ରାମର ମହିମା ଭଜନ ମଣ୍ଡଳୀ ଯୋଗଦେଇ ଭଜନ ପରିବେଷଣ କରିଥିଲେ। ବାବା ରବି ଦାସ, ବାବା ବିନୋଦ ଦାସଙ୍କ ନେତୃତ୍ୱରେ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା। ରବିବାର ପ୍ରାତଃ ସମୟରେ ଚୁଡ଼ା, ଗୁଡ଼, ନଡ଼ିଆ, କଦଳୀ, ଘିଅ, ଦହି, କର୍ପୂର ମିଶ୍ରିତ ଅହ୍ଲଣିଆ ପ୍ରସାଦକୁ ମାଟି ହାଣ୍ଡିରେ ଭିକ୍ଷା ମଣ୍ଡପରେ ଶୂନ୍ୟଦିଅଁଙ୍କୁ ଅର୍ପଣ କରାଯାଇଥିଲା। ଏହାପରେ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରେମାନନ୍ଦ ସେଠ, ବୈରାଗୀ ସେଠ, କରୁଣାକର ସେଠ, ବନମାଳୀ ସେଠ, ଗୁରୁଚରଣ ସେଠ, ଗଙ୍ଗାଧର ସେଠ, ରାଜେଶ ଜେନା, ପରେଶ ଜେନା, ଭୂତେଶ ଜେନା, ପ୍ରଣବ ଜେନା, ପୃଥ୍ୱୀରାଜ ଜେନା, ମନୋଜ ଜେନା ପ୍ରମୁଖ ପରିଚାଳନା କରିଥିଲେ।


ଜଗତ କଲ୍ୟାଣ କାମନା କରି ଝାଡ଼ଦୀପ ପ୍ରଜ୍ୱଳନ କରାଯାଉଛି।

# ବିଦ୍ୟା ହିଁ ସକଳ ସମାଜର ଦିଗସ୍ରଷ୍ଟା

ଛେଣ୍ଡିପଦା,୨୯।୧(ସ୍ୱ.ପ୍ର.)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଛେଣ୍ଡିପଦା ବ୍ଲକ ଗୋପୀନାଥପୁରସ୍ଥିତ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବାନାମ୍ବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ମୁଖ୍ୟବକ୍ତା ଭାବେ ପ୍ରଫେସର ଶାନ୍ତନୁ କୁମାର ସର ଓ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରା, ବାପୁଜୀ ମହାବିଦ୍ୟାଳୟର ଅଧ୍ୟାପିକା ବିନ୍ଧ୍ୟବାସିନୀ ଗଡନାୟକ ଓ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଭାକର ଗଡ଼ନାୟକ ପ୍ରମୁଖ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ସରପଞ୍ଚ ପ୍ରିୟଙ୍କା ସାହୁ, ସତ୍ୟବ୍ରତ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ମାଧୁରୀ କିଣ୍ଡୋ ଓ ଶିକ୍ଷକ କୁଞ୍ଜବିହାରୀ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ବିଧାୟକ ବେହେରା ବିଦ୍ୟା ହିଁ ସକଳ ସମାଜର ଦିଗସ୍ରଷ୍ଟା ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ଆଶିଷ କୁମାର ସାହୁ, ଝସକେତନ ପ୍ରଧାନ, ଉଗ୍ରସେନ ରଣା, ଅଭୟ କୁମାର, ବିନୟ ବିନ୍ଦୁ ସାଗର ବେହେରା ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କ ସମେତ ଅନ୍ୟ ସଦସ୍ୟା ସଦସ୍ୟ, ଅଭିଭାବକ, ସମସ୍ତ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

### ଗଛରୁ ଝୁଲନ୍ତା ମୃତଦେହ ଜବତ

ବଇଣ୍ଡା, ୨୯।୧(ଡି.ଏନ.ଏ.)

ଠାକୁରଗଡ଼ ଥାନା ଝରଝରି ଘାଟି ନିକଟ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ରବିବାର ପୋଲିସ ଜବତ କରିଛି। ମୃତକ ହେଲେ ବାଲିପଟା ଗ୍ରାମର ପ୍ରବୀଣ ନାୟକ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପ୍ରବୀଣ ଗତ ୧୮ତାରିଖରୁ ନିଖୋଜ ଥିଲେ। ତାଙ୍କ ମୃତଦେହ ଗଛରେ ଝୁଲୁଥିବା କେତେଜଣ ଗାଈ ଚରାଳି ଦେଖି ପୋଲିସକୁ ସୂଚନା ଦେଇଥିଲେ। ପାରିବାରିକ କଳହରୁ ପ୍ରବୀଣ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

### ଶୀତବସ୍ତ୍ର ବଣ୍ଟନ

ଢେଙ୍କାନାଳ ଅଫିସ, ୨୯।୧

ଗଁଦିଆସ୍ଥିତ ସମ୍ମିତ ନନ୍ଦ ମେମୋରିଆଲ ଫାଉଣ୍ଡେଶନ ପକ୍ଷରୁ ବେଗା ପଞ୍ଚାୟତର ନେହେଙ୍ଗେରା, ବଡ଼ପୋଖରିଆ ଗ୍ରାମର ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ସ୍ୱର୍ଗତ ସମ୍ମିତ ନନ୍ଦଙ୍କ ୧୦ ବର୍ଷର ଝିଅ ସମୀକ୍ଷା ନନ୍ଦ ଏବଂ ସାତ୍ତ୍ୱିକ ନନ୍ଦ ଶୀତବସ୍ତ୍ର ପ୍ରଦାନ କରିଥିଲେ। ଫାଉଣ୍ଡେଶନ ସଦସ୍ୟ ମାନସୀ ରଥ, ରଞ୍ଜିତା ନନ୍ଦ, ପୂର୍ବତନ ବିଧାୟକ ନବୀନ ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ନରେନ୍ଦ୍ର ଶୁଣ୍ଡି, ଜଟିଆ ମୁଣ୍ଡା, ଭାଗ୍ୟବାନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିବାବେଳେ ସାମାଜିକ କର୍ମୀ ଟଙ୍କଧର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଛାତ୍ରୀଛାତ୍ରଙ୍କ ସଫଳତା

ବଇଣ୍ଡା,୨୯।୧(ଡି.ଏନ.ଏ.)

୨୦୨୨ରେ ଅନୁଷ୍ଠିତ ମେଧା ବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ କିଶୋରନଗର ବ୍ଲକ ବଇଣ୍ଡା ଶିଶୁ ମନ୍ଦିରର ୪ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଡିସେମ୍ବର ୨୨ରେ ଫଳ ପ୍ରକାଶ ପାଇଥିବାବେଳେ ତୃତୀୟ ଶ୍ରେଣୀର ଆରିୟନ ପ୍ରଧାନ ବ୍ଲକ ମେଧା ତାଲିକାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ଜଗଦୀଶ ପ୍ରଧାନ ଚତୁର୍ଥ ସ୍ଥାନ ପାଇଛନ୍ତି। ସେହିପରି ପଞ୍ଚମ ଶ୍ରେଣୀର ଆର୍ଯ୍ୟ ଅଂଶୁମାନ ଦେହୁରୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଓ ସୋନାଲି ସାହୁ ତୃତୀୟ ସ୍ଥାନ ପାଇଛନ୍ତି। କୃତୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି।

# କବୟିତ୍ରୀ ପ୍ରତିଭାଙ୍କୁ ସ୍ୱପ୍ନ ମହଲ ସାହିତ୍ୟ ସମ୍ମାନ

ବଇଣ୍ଡା, ୨୯।୧(ଡି.ଏନ୍.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳର ପ୍ରତିଷ୍ଠିତ କବୟିତ୍ରୀ ପ୍ରତିଭା ସାହୁଙ୍କୁ ଶନିବାର କଟକ ଗାନ୍ଧୀ ଭବନସ୍ଥିତ ବାଖରାବାଦଠାରେ ଅନୁଷ୍ଠିତ କୈବଲ୍ୟ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ ସମ୍ମାନିତ କରାଯାଇଛି। ଓଡ଼ିଆ ଭାଷା ସାହିତ୍ୟକ୍ଷେତ୍ରରେ ଅବଦାନ ପାଇଁ ତାଙ୍କୁ ରାଜ୍ୟସ୍ତରୀୟ ସ୍ୱପ୍ନ ମହଲ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଛି। ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଡି.ପି. ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନପତ୍ର ଦେଇ ତାଙ୍କୁ ସମ୍ମାନିତ କରିଥିଲେ। ଅନ୍ୟତମ ଅତିଥି ଭାବେ ସଂସଦର ପ୍ରତିଷ୍ଠାତା ସଂଗ୍ରାମ ସାମନ୍ତ ରାଏ ଉପସ୍ଥିତ ଥିଲେ।


କବୟିତ୍ରୀ ପ୍ରତିଭା ସାହୁଙ୍କୁ ସମ୍ମାନିତ କରାଯାଉଛି।

# ଜିଲା ମହିଳା ବିଜେଡିର ନୂତନ କାର୍ଯ୍ୟକର୍ତ୍ତା

କଣିହାଁ, ୨୯।୧(ଡି.ଏନ୍.ଏ.)

ଅନୁଗୋଳ ଜିଲା ମହିଳା ବିଜେଡିର ନୂଆ କାର୍ଯ୍ୟକର୍ତ୍ତା ଚୟନ ହୋଇଛନ୍ତି। ଜିଲା ସମ୍ପାଦିକା ଭାବେ ପାଲଲହଡ଼ା ବ୍ଲକର ଦିବ୍ୟାଭାରତୀ ସାମଲ, ଚନ୍ଦ୍ରମା ସାହୁ, ଅନୁସୂୟା ସାହୁ, ଆରତୀ ବିଶ୍ୱାଳ, କଣିହାଁ ବ୍ଲକର ସବିତା ନନ୍ଦ, ସାଧାରଣ ସମ୍ପାଦିକା ଭାବେ ଜ୍ୟୋତ୍ସ୍ନାରାଣୀ ପ୍ରଧାନ ଏବଂ ଯୁଗ୍ମ ସମ୍ପାଦିକା ଭାବେ ପାଲଲହଡ଼ା ବ୍ଲକର ମୋନାଲିସା ଗଡ଼ନାୟକଙ୍କୁ ନିଯୁକ୍ତି ଦିଆଯାଇଛି। ତାମଡା ଅଧ୍ୟକ୍ଷ ଅବନୀକାନ୍ତ ସାହୁଙ୍କ ସୁପାରିସକ୍ରମେ ଦଳୀୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ମୋହର ମାରିଛନ୍ତି। ନବନିଯୁକ୍ତ ମହିଳା କାର୍ଯ୍ୟକର୍ତ୍ତାମାନେ ପାଲଲହଡ଼ା ନିର୍ବାଚନମଣ୍ଡଳୀରେ ମହିଳା ସଙ୍ଗଠନକୁ ସୁଦୃଢ଼ କରିବାରେ ସହାୟକ ହେବେ ବୋଲି ତାମଡା ଅଧ୍ୟକ୍ଷ ସାହୁ କହିଛନ୍ତି। ଅନ୍ୟପଟେ ଏଭଳି ଗୁରୁଦାୟିତ୍ୱ ଦିଆଯିବା ପରେ ସମ୍ପୃକ୍ତ ନାରୀନେତ୍ରୀମାନେ ମୁଖ୍ୟମନ୍ତ୍ରୀ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଏମ୍‌ପି ମହେଶ ସାହୁ, ଜିଲା ସଭାପତି ମହେନ୍ଦ୍ର ବସ୍ତିଆ, ପର୍ଯ୍ୟବେକ୍ଷକ ପ୍ରଶାନ୍ତ ମୁଦୁଲି, କୁନବିହାରୀ ଦାସ ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।


ତାମଡା ଅଧ୍ୟକ୍ଷଙ୍କ ସହ ନବ ନିର୍ବାଚିତ ମହିଳା କର୍ମକର୍ତ୍ତା ଏବଂ ଦଳୀୟ କର୍ମୀ।

# ଓଏଚ୍‌ପିସି ପକ୍ଷରୁ ବାଇକ୍ ରାଲି

କଣିହାଁ, ୨୯।୧(ଡି.ଏନ୍.ଏ.)

କଣିହାଁ ବ୍ଲକ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି) ରେଙ୍ଗାଳି ଶାଖା ପକ୍ଷରୁ ହକି ବିଶ୍ୱକପ୍‌ର ଫାଇନାଲ ଉପଲକ୍ଷେ ଏକ ବାଇକ୍ ରାଲି ରବିବାର ଅନୁଷ୍ଠିତ ହୋଇଯାଇଛି। ଓଏଚ୍‌ପିସିର ବରିଷ୍ଠ ସାଧାରଣ ପରିଚାଳକ ରୁଦ୍ରମୋହନ ନାୟକଙ୍କ ନେତୃତ୍ୱରେ ଉକ୍ତ ରାଲି ଜଳ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରଠାରୁ ବାହାରି ବଜାର ପରିକ୍ରମା କରିବା ପରେ ଓଏଚ୍‌ପିସି ପ୍ରଶାସନିକ କାର୍ଯ୍ୟାଳୟରେ ଶେଷ ହୋଇଥିଲା। ସାଧାରଣ ପରିଚାଳକ ରଞ୍ଜନ କୁମାର ପରିଡ଼ା, ସହ ସାଧାରଣ ପରିଚାଳକ ପ୍ରଦୀପ ପ୍ରଧାନ, କର୍ମଚାରୀ ସଂଘ ସମ୍ପାଦକ ବୀରେଶ ଚନ୍ଦ୍ର ପତିଙ୍କ ସମେତ ସମସ୍ତ ଯନ୍ତ୍ରୀ ଓ କର୍ମଚାରୀ ଯୋଗଦେଇଥିଲେ।


ବାଇକ୍ ରାଲିରେ ଓଏଚ୍‌ପିସିର ଅଧିକାରୀ ଓ କର୍ମଚାରୀମାନେ।

# ଶିକ୍ଷାବିତ୍ ଗଦାଧରଙ୍କ ପରଲୋକ


ଗଦାଧର ପ୍ରଧାନ

କଣିହାଁ, ୨୯।୧(ଡି.ଏନ.ଏ.)

କଣିହାଁ ବ୍ଲକ ବଡଗୁଣ୍ଡୁରୀସ୍ଥିତ ଶ୍ରୀ ଜଗନ୍ନାଥ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଶ୍ରୀ ଜଗନ୍ନାଥ ଆଞ୍ଚଳିକ ଓଡ଼ୋଶୀ ସଂକୀର୍ତ୍ତନ କଳା ପରିଷଦର ଉପସଭାପତି ଗଦାଧର ପ୍ରଧାନ (୬୩) ଶନିବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ସେ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତେବେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ପରିବାର ଲୋକେ ତାଙ୍କୁ ଛେଣ୍ଡିପଦା ବ୍ଲକ କାଠଫାଳସ୍ଥିତ ବାସଭବନକୁ ନେଇ ଆସିଥିଲେ। ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ଗଦାଧରଙ୍କ ସ୍ୱତନ୍ତ୍ର ପରିଚୟ ଥିଲା। ତାଙ୍କର ଏଭଳି ବିୟୋଗ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ପୁରାତନ ଛାତ୍ରୀଛାତ୍ର ପହଞ୍ଚି ଅନ୍ତିମ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଏମ୍‌ପି ମହେଶ ସାହୁ ମଧ୍ୟ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

ଶିକ୍ଷାବିତ୍ ପ୍ରଧାନଙ୍କ ଜନ୍ମମାଟି କଣିହାଁ ବ୍ଲକ ଡେରେଙ୍ଗ ପଞ୍ଚାୟତ ଘଣ୍ଟିଆନାଳି ଗ୍ରାମରେ। ସେ ଶ୍ରୀ ଜଗନ୍ନାଥ ହାଇସ୍କୁଲରେ ସହକାରୀ ଶିକ୍ଷକ ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ସେଠାରୁ ହିଁ ପ୍ରଧାନ ଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। ଶ୍ରୀ ଜଗନ୍ନାଥ ଓଡ଼ୋଶୀ ସଂକୀର୍ତ୍ତନ କଳା ପରିଷଦର ଜଣେ ସକ୍ରିୟ ସଦସ୍ୟ ଭାବେ କଳାକାରଙ୍କ ଉନ୍ନତି ଦିଗରେ ସେ ବହୁ କାର୍ଯ୍ୟ କରି ଲୋକପ୍ରିୟ ହୋଇପାରିଥିଲେ।

# କଟକ ସୋଲାର ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

କଣିହାଁ, ୨୯।୧(ଡି.ଏନ.ଏ.)

କଣିହାଁ କଲେଜ ନିକଟ ଖେଳପଡ଼ିଆରେ ୮ଦିନ ଧରି ଚାଲିଥିବା କଣିହାଁ କ୍ରିକେଟ କପ୍ ସେକେଣ୍ଡ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଇଲେଭେନ ଷ୍ଟାର୍‌କୁ ହରାଇ କଟକ ସୋଲାର କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମ ବ୍ୟାଟିଂ କରିଥିବା ଇଲେଭେନ୍ ଷ୍ଟାର ଦଳ ନିର୍ଦ୍ଧାରିତ ୨୫ ଓଭରରେ ୧୬୮ ରନ୍ କରିଥିଲା। ଜବାବରେ ସୋଲାର ଦଳ ମାତ୍ର ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଚାମ୍ପିୟନ ଦଳର ପ୍ରଦୀପ ଦାସ ‘ମ୍ୟାନ୍ ଅଫ୍ ଦି ମ୍ୟାଚ୍’ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁମନ୍ତ କୁମାର ପଟେଲ, ଏନଟିପିସି ପ୍ରକଳ୍ପ ପଦାଧିକାରୀ ଜିତେନ୍ଦ୍ର କୁମାର, ବଲବୀର ସିଂ, କ୍ରିକେଟ କ୍ଲବ ଚେୟାରମ୍ୟାନ ପାର୍ଥସାରଥି ପାଣି, ଭାଇସ ଚେୟାରମ୍ୟାନ ଶାନ୍ତିସ୍ୱରୂପ ପ୍ରଧାନ, ସଭାପତି ଆଲୋକ ସାହୁ, ସମ୍ପାଦକ ସନାତନ ସାହୁ, କାର୍ଯ୍ୟକର୍ତ୍ତା ସତ୍ୟବ୍ରତ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୨୫ ହଜାର ଟଙ୍କା ଏବଂ ରନର୍ସଅପ୍ ଦଳକୁ କପ୍ ସହ ୨୦,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ତପନ କୁମାର ପ୍ରଧାନ, ଶଶାଙ୍କ ଶେଖର ସାମଲ, କଳାକାର ସାହୁ, ବିଷ୍ଣୁ ଚରଣ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ୫ ଚୋରି ଅଭିଯୁକ୍ତ ଗିରଫ

ଅନୁଗୋଳ ଅଫିସ, ୨୯।୧

ଅନୁଗୋଳ ସଦର ଥାନା ଛେଳିଆପଡ଼ାର ପ୍ରମୋଦ କୁମାର ସାହୁଙ୍କ ସ୍ପେୟାରପାର୍ଟ ଦୋକାନରୁ ସାମଗ୍ରୀ ଚୋରି ଅଭିଯୋଗରେ ପୋଲିସ ରବିବାର ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କିଶୋରନଗର ଥାନା ଅନ୍ତର୍ଗତ ବାଘୁଆମୁଣ୍ଡା ଗାଁର ବାବୁଲାଲ ଦେହୁରୀ (୨୭), ଗୁରୁଜାଙ୍ଗର ଦୀପୁନ ଧଳ (୨୫), ବାପୁନ ଧଳ (୨୨), ସମ୍ବଲପୁର ଜିଲା ରେଢ଼ାଖୋଲର ସଞ୍ଜିତ ବେହେରା (୧୯) ଓ ବୌଦ୍ଧ ଜିଲା ହରଭଙ୍ଗାର କୃଷ୍ଣ ସାହୁ (୨୦)। ସେମାନଙ୍କଠାରୁ ଚୋରି ସାମଗ୍ରୀ, ଏକ କାର୍, ପିକ୍ ଅପ୍ ଭ୍ୟାନ, ୫ଟି ମୋବାଇଲ ଫୋନ ଜବତ କରାଯାଇଛି। ସୂଚନାଯୋଗ୍ୟ, ଗତ ୨୫ ତାରିଖ ବିଳମ୍ବିତ ରାତିରେ ପ୍ରମୋଦଙ୍କ ଦୋକାନ ଶଟର ଭାଙ୍ଗି ସମ୍ପୃକ୍ତ ୫ ଅଭିଯୁକ୍ତ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି କରିନେଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।



ପୋଲିସ ହାତରେ ଧରାପଡ଼ିଥିବା ୫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

## ସଂକ୍ଷେପରେ

### ଷଡ଼ଙ୍ଗୀ ସ୍କୁଲରେ ବାର୍ଷିକ କ୍ରୀଡ଼ା

**ଢେଙ୍କାନାଳ ଅଫିସ, ୨୯।୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ଶତାୟୁ ଶିକ୍ଷାନୁଷ୍ଠାନ ଷଡ଼ଙ୍ଗୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ପ୍ରକୃତିବନ୍ଧୁ ହରିହର ସାହୁ କ୍ରୀଡ଼ା ପତାକା ଉତ୍ତୋଳନ କରି ଏହାର ଶୁଭାରମ୍ଭ କରିଥିଲେ। ଦୌଡ଼, ଗଣିତ ରେସ୍, ଆଳୁ ଚାମଚ, ପୁଚି, ମ୍ୟୁଜିକ୍ ଚେୟାର, ଦଉଡ଼ି ଡିଆଁ ଆଦି ବିଭାଗରେ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। ଶିକ୍ଷକ ବିଜୟ କୁମାର ବରାଳ, ରବିନାରାୟଣ ବେହେରା, ଶିକ୍ଷୟିତ୍ରୀ ହିରଣ୍ମୟୀ ପଣ୍ଡା, ମଧୁମିତା ପ୍ରଧାନ ଏହାକୁ ପରିଚାଳନା କରିଥିଲେ।

### ଆତ୍ମରକ୍ଷା ତାଲିମ ଶିବିର

**ଭାପୁର, ୨୯।୧(ଡି.ଏନ୍.ଏ.):** ଢେଙ୍କାନାଳ ସଦର ବ୍ଲକ ଭାପୁରସ୍ଥିତ ଦେବେନ୍ଦ୍ର ଶତପଥୀ ସ୍ମାରକୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୧୭ ତାରିଖରୁ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ଚନ୍ଦ୍ରଶେଖର ପଣ୍ଡାଙ୍କ ସଭାପତିତ୍ୱରେ ଦେବେନ୍ଦ୍ର ଶତପଥୀ ଡିଗ୍ରୀ କଲେଜ ଅଧକ୍ଷା ମଞ୍ଜୁଶ୍ରୀ ମୁଖି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଙ୍କ ମାର୍ଗଦର୍ଶନ କରାଇଥିଲେ। ଅଧାପକ ଡ. ବଳରାମ ପୃଷ୍ଟି, ଚିତ୍ତରଞ୍ଜନ ଜେନା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଧାପକ ମାନସ ରଞ୍ଜନ ରାଉତ, ସୁନୀଲ ମହାପାତ୍ର ପରିଚାଳନାରେ ସହଯୋଗ କରିଥିବାବେଳେ ବରିଷ୍ଠ କିରାଣି ରସାନନ୍ଦ ମହାପାତ୍ର ଧନ୍ୟବାଦ ଦେଇଥିଲେ। ପ୍ରଥମ ବର୍ଷ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଶିକ୍ଷା ବିକାଶରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଢେଙ୍କାନାଳ ଅଫିସ୍, ୨୯।୧:** ଢେଙ୍କାନାଳ ଉଚ୍ଚ ମାଧମିକ ବିଦ୍ୟାଳୟରେ ଶନିବାର ଅଭିଭାବକ-ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଫେସର ରଞ୍ଜିତ ପ୍ରଧାନ ଅଧକ୍ଷତା କରି ଶିକ୍ଷା ବିକାଶରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ମଧୁସୂଦନ ମଲ୍ଲିକ ଛାତ୍ରୀଛାତ୍ରଙ୍କ ବୃତ୍ତିଗତ ପରାମର୍ଶ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଇଓ ବ୍ରହ୍ମାନନ୍ଦ ରାଉତ ଶିକ୍ଷା ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଇଂଲିଶ ବିଭାଗ ମୁଖ୍ୟ ଡ. ଆଦିତ୍ୟ ମେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧାପକ ତପନ ସେଠୀ ଧନ୍ୟବାଦ ଦେଇଥିଲେ। ଡ. ସସ୍ମିତ ସାହୁ, ବିକାଶ ରଞ୍ଜନ ରଣା, ଡ. ଦିଲୀପ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।



ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

# ଉପକୃତ ହେବେ ପକ୍ଷାଘାତ ରୋଗୀ

## ଚର୍ଚ୍ଚାରେ ପ୍ରତୀକଙ୍କ ଅଟୋମେଟେଡ୍ ହୁଇଲ୍ ଚେୟାର

**ପରଜଙ୍ଗ, ୨୯।୧(ଡି.ଏନ୍.ଏ.)**

ପକ୍ଷାଘାତର ଶିକାର କିମ୍ବା ଦୁର୍ଘଟଣାରେ ଅଙ୍ଗ ହରାଇ ଅକର୍ମଣ୍ୟ ହୋଇପଡ଼ିଥିବା ରୋଗୀ ଜିଅନ୍ତି ଅଭିଶପ୍ତ ଜୀବନ। ଦୈନନ୍ଦିନ କାର୍ଯ୍ୟ ହେଉ କି ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଚଳପ୍ରଚଳ କରିବା, ଏଭଳି ସମସ୍ତ ଛୋଟବଡ଼ କାମରେ ସେମାନେ ଅନ୍ୟ ଉପରେ ମାତ୍ରାଧିକ ନିର୍ଭରଶୀଳ ହୋଇପଡ଼ିଥାଆନ୍ତି। ହେଲେ ଏବେ ଏହି ସମସ୍ୟାର ସରଳ ସମାଧାନ ସୂତ୍ର ବାହାର କରିଛନ୍ତି ୧୧ ବର୍ଷର ମେଧାବୀ ଛାତ୍ର ପ୍ରଦୀପ ସେଠୀ। ସେ ଏମିତି ଏକ 'ଅଟୋମେଟେଡ୍ ହୁଇଲ୍ ଚେୟାର' ନିର୍ମାଣ କରିଛନ୍ତି, ଯାହାକୁ ବ୍ୟବହାର କରି ପାରାଲିସିସ୍ ଆକ୍ରାନ୍ତ ଏବଂ ଶଯ୍ୟାଶାୟୀ ରୋଗୀମାନେ ସହଜରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇପାରିବେ। ଫଳରେ ଅନ୍ୟମାନଙ୍କ ଉପରେ ମାତ୍ରାଧିକ ନିର୍ଭରଶୀଳତାରୁ ସେମାନେ ସାମାନ୍ୟ ମୁକ୍ତି ପାଇବେ ଏବଂ ସେମାନଙ୍କ ମଧ୍ୟରେ ସକାରାତ୍ମକ ମନୋଭାବ ସୃଷ୍ଟି ହୋଇପାରିବ। ଉକ୍ତ ମଡେଲକୁ ପେଟେଣ୍ଟ ସାଙ୍ଗକୁ ସରକାରୀ ପ୍ରୋତ୍ସାହନ ମିଳିଲେ ବହୁ ରୋଗୀ ଉପକୃତ ହୋଇପାରିବେ।



ନିଜ ପ୍ରକଳ୍ପ ସମ୍ପର୍କରେ ପ୍ରତୀକ କୁହନ୍ତି, ଡିଭାଇସ୍‌ରେ ଅତ୍ୟାଧୁନିକ ସେନ୍‌ସର ଲାଗିଛି। ରୋଗୀ ବ୍ୟବହାର କରୁଥିବା ହୁଇଲ୍ ଚେୟାରରେ ବ୍ଲୁଟୁଥ୍ ଏବଂ ମୋଟର ଖଞ୍ଜାଯାଇଛି। ଉକ୍ତ ସେନ୍‌ସରକୁ ରୋଗୀଙ୍କ କପାଳରେ ଲଗାଯିବ, ଯାହା ରୋଗୀଙ୍କ ମାନସିକ ଅବସ୍ଥାକୁ ଅନୁଧାନ କରିପାରିବ। ଉକ୍ତ ସେନ୍‌ସର ରୋଗୀ କ'ଣ ଚିନ୍ତା କରୁଛି, ମାନସିକ ଅବସାଦରେ ଅଛି କି ନାହିଁ, କ'ଣ କରିବାକୁ ଚାହୁଁଛି ସେସବୁର ଡାଟାବେସ୍ ତିଆରି କରିବ ଏବଂ ସିଗ୍‌ନାଲ୍ ମାଧ୍ୟମରେ ମୋଟର ସଂଯୁକ୍ତ ବ୍ଲୁଟୁଥ୍‌କୁ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେବ। ଏହାପରେ ହୁଇଲ୍ ଚେୟାର କାର୍ଯ୍ୟକ୍ଷମ ହେବ। କେବଳ ଏତିକି ନୁହେଁ, ଆଗରେ ବିପଦ ଥିଲେ ସତର୍କ ମଧ୍ୟ କରାଇଦେବ। ଫଳରେ ସମ୍ଭାବ୍ୟ ଦୁର୍ଘଟଣାରୁ ରୋଗୀଜଣକ ରକ୍ଷା ପାଇପାରିବେ। ଏହି ଡିଭାଇସ୍ ତିଆରି କରିବାକୁ ପ୍ରାୟ ୩ ମାସ ସମୟ ଲାଗିଥିବାବେଳେ ୨୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ପ୍ରତୀକ କହିଛନ୍ତି। ପକ୍ଷାଘାତ ରୋଗୀଙ୍କ ଯନ୍ତ୍ରଣା ହିଁ ତାଙ୍କୁ ଏହି 'ଅଟୋମେଟେଡ୍ ହୁଇଲ୍ ଚେୟାର' ପ୍ରକଳ୍ପ ତିଆରି କରିବା ଲାଗି ଉତ୍ସାହିତ କରିଥିଲା। ଏହାକୁ ବରିଷ୍ଠ ନାଗରିକ ଗୃହ, ବୃଦ୍ଧାଶ୍ରମରେ ମଧ୍ୟ ବ୍ୟବହାର କରାଯାଇପାରିବ। ଦୁର୍ଘଟଣାଗ୍ରସ୍ତ ରୋଗୀ ଏବଂ ପକ୍ଷାଘାତ ଆକ୍ରାନ୍ତ ଏହାଦ୍ୱାରା ବିଶେଷ ଭାବେ ଉପକୃତ ହୋଇପାରିବେ। ଖୁବ୍‌ଶୀଘ୍ର ଏହାକୁ ପେଟେଣ୍ଟ ପାଇଁ ଆବେଦନ କରାଯିବ ବୋଲି ପ୍ରତୀକ ନିଜ ପ୍ରତିକ୍ରିୟାରେ କହିଛନ୍ତି।

ସୂଚନାଯୋଗ୍ୟ, ପ୍ରତୀକ ହେଉଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନ (ଆଇଜିଆଇଟି)ର କମ୍ପ୍ୟୁଟର ସାଇନ୍ସ ଅଧାପକ ପ୍ରଫେସର ଶ୍ରୀନିବାସ ସେଠୀଙ୍କ ଦୁଇ ଝିଅପୁଅଙ୍କ ମଧ୍ୟରେ ସାନ। ସେ ତାଳଚେର ଥର୍ମାଲସ୍ଥିତ ଡିଏଭି ପବ୍ଲିକ ସ୍କୁଲର ଷଷ୍ଠଶ୍ରେଣୀ ଛାତ୍ର। ଆଇଜିଆଇଟିର ଆସିଷ୍ଟାଣ୍ଟ ପ୍ରଫେସର ରମେଶ କୁମାର ସାହୁଙ୍କ ମାର୍ଗଦର୍ଶନ ତାଙ୍କୁ ଏହି ଡିଭାଇସ୍ ପ୍ରସ୍ତୁତ କରିବାରେ ବିଶେଷ ସହାୟକ ହୋଇଛି ବୋଲି ତାଙ୍କ ବାପା ସୂଚନା ଦେଇଛନ୍ତି।

### ପିଲାଟି ଦିନରୁ ଅନିସନ୍ଧିତ୍ସୁ

ପିଲାଟି ଦିନରୁ ପ୍ରତୀକ ଅନିସନ୍ଧିତ୍ସୁ। ବିଭିନ୍ନ ସମୟରେ ସେନ୍‌ସରଯୁକ୍ତ ଖେଳଣା, ମନୋରଞ୍ଜନ ଭିତ୍ତିକ ଆପ୍ ତିଆରି କରି ସେ ଚର୍ଚ୍ଚା ସାଉଁଟିଛନ୍ତି। 'ଅଟୋମେଟେଡ୍ ହୁଇଲ୍ ଚେୟାର' ବ୍ୟତୀତ ସେ ଏକ ମିନି ସିପିୟୁ ମଧ୍ୟ ତିଆରି କରିଛନ୍ତି, ଯେଉଁଥିରେ ଟିଭିକୁ କମ୍ପ୍ୟୁଟର ମନିଟର ଭଳି ବ୍ୟବହାର କରାଯାଇ ପାରୁଛି। ଏଭଳି ଅଭିନବ ଉଦ୍ଭାବନ କ୍ଷେତ୍ରରେ ବାପା ତଥା ଅଧାପକ ପ୍ରଫେସର ଶ୍ରୀନିବାସ ସେଠୀ ଏବଂ ଆସିଷ୍ଟାଣ୍ଟ ପ୍ରଫେସର ରମେଶ କୁମାର ସାହୁଙ୍କ ମାର୍ଗଦର୍ଶନ ବେଶ୍ ସହାୟକ ସାବ୍ୟସ୍ତ ହୋଇଛି। ଭବିଷ୍ୟତରେ ଜଣେ ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଥିବା ପ୍ରତୀକଙ୍କ ଏଭଳି ଉଦ୍ଭାବନ ଯାତ୍ରାକୁ ନେଇ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

# ସଭାପତି ସଦାଶିବ, ଗଗନବିହାରୀ ସମ୍ପାଦକ

## ଜିଲା କ୍ଷୁଦ୍ର ସମ୍ବାଦପତ୍ର ସଂଘର ନୂତନ କମିଟି

**ଢେଙ୍କାନାଳ ଅଫିସ, ୨୯।୧**

ଢେଙ୍କାନାଳ ଜିଲାରେ ସାପ୍ତାହିକ, ପାକ୍ଷିକ ଓ ମାସିକ କ୍ଷୁଦ୍ର ସମ୍ବାଦପତ୍ରଗୁଡ଼ିକ ପ୍ରଶାସନିକ ଅବହେଳାରୁ ଉପେକ୍ଷିତ ଅବସ୍ଥାରେ ରହିଛନ୍ତି। ସେମାନଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ସମସ୍ୟାର ସମାଧାନ ଲାଗି ଜିଲା କ୍ଷୁଦ୍ର ସମ୍ବାଦପତ୍ର ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁରୀ ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀ ସମ୍ପାଦକ ପଣ୍ଡିତ ମାତୃପ୍ରସାଦ ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ଜିଲା କ୍ଷୁଦ୍ର ସମ୍ବାଦପତ୍ର ସଂଘକୁ ସୁଦୃଢ଼ କରିବା ପାଇଁ ଏକ ନୂତନ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ସଦାଶିବ ମହାପାତ୍ର, ସାଧାରଣ ସମ୍ପାଦକ ଭାବେ ଗଗନ ବିହାରୀ ପଣ୍ଡା ମନୋନୀତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ଶିଶିର କୁମାର ଶତପଥୀ, ଯୁଗ୍ମ ସମ୍ପାଦକ ବାଇଧର ନାୟକ, କୋଷାଧକ୍ଷ ଆଭାସ ବରାଳ, ଉପଦେଷ୍ଟା ଭାବେ ସମ୍ପାଦକ ମହେଶ ସାହୁ, ବରିଷ୍ଠ ଖବରଦାତା କୃଷ୍ଣକୁମାର ମିଶ୍ରଙ୍କୁ ଚୟନ କରାଯାଇଛି। ବିଷ୍ଣୁପ୍ରସାଦ ମହାରଣା, ଜେନାମଣି ଦିଲୀପ ରାୟ, ବୁଦ୍ଧିମନ୍ତ ପୁହାଣ, ମନମୋହନ ସାହୁ, ମେଘନାଦ ନନ୍ଦ ପ୍ରମୁଖ କାର୍ଯ୍ୟକାରୀ କମିଟିରେ ସ୍ଥାନ ପାଇଛନ୍ତି। ସଭ୍ୟ ଅମୀୟ ଚାନ୍ଦ, ଶ୍ୟାମସୁନ୍ଦର ସାହୁ, ଖଗେଶ୍ୱର ରାଉତ, ସୁରଜିତ ପାଣି, ପୂର୍ଣ୍ଣଚନ୍ଦ୍ର ସାହୁ, ଆଲୋକ ରଥ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ସଂଘର କାର୍ଯ୍ୟକର୍ତ୍ତାବୃନ୍ଦ।

# ଖେଳପଡ଼ିଆ ବିବାଦରୁ ଗୋଷ୍ଠୀ ସଂଘର୍ଷ



ଗୋଷ୍ଠୀ ସଂଘର୍ଷ ପରେ ଫାଣ୍ଡି ସମ୍ମୁଖରେ ଉତ୍ତେଜନା ଦେଖାଦେଇଛି।

**ପରଜଙ୍ଗ, ୨୯।୧(ଡି.ଏନ୍.ଏ.)**

■ଫାଣ୍ଡି ପାଲଟିଲା ରଣକ୍ଷେତ୍ର
■୨ ଗୁରୁତର, ୩ ଆହତ

ପ୍ରସ୍ତାବିତ ଗାଁ ଖେଳପଡ଼ିଆ ନିର୍ମାଣକୁ କେନ୍ଦ୍ରକରି ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ରେଣ୍ଟାପାଟ ପଞ୍ଚାୟତର ପାଣିଗେଙ୍ଗୁଟିଆ ଗ୍ରାମରେ ରବିବାର ଗୋଷ୍ଠୀ ସଂଘର୍ଷ ଘଟିଛି। ବିବାଦର ସମାଧାନ କରିବାକୁ ଉଭୟ ଗୋଷ୍ଠୀ ସାଆନ୍ଦା ଫାଣ୍ଡିକୁ ଆସିଥିବାବେଳେ ସେଠାରେ ମୁହାଁମୁହିଁ ହୋଇଥିଲେ। ଫଳରେ ଫାଣ୍ଡି ପରିସର ରଣକ୍ଷେତ୍ର ପାଲଟିଥିଲା। ଏହି ଘଟଣାରେ ୨ଜଣ ଗୁରୁତର ହୋଇଥିବାବେଳେ ୩ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ପାଣିଗେଙ୍ଗୁଟିଆ ଗ୍ରାମରେ ୫ ଲକ୍ଷ ଟଙ୍କା ବ୍ୟୟରେ ଖେଳପଡ଼ିଆ ନିର୍ମାଣ କରାଯିବାକୁ ପ୍ରସ୍ତାବ ରହିଛି। ଏହାକୁ ନେଇ ପ୍ରାୟ ୧ ବର୍ଷ ହେଲା ଉପର ଗେଙ୍ଗୁଟିଆ ଓ ତଳ ଗେଙ୍ଗୁଟିଆ ସାହି ମଧ୍ୟରେ ବିବାଦ ଲାଗି ରହିଛି। ଏହାର ସମାଧାନ ଲାଗି ଫାଣ୍ଡି ଅଧିକାରୀ ଉଭୟ ଗୋଷ୍ଠୀକୁ ଡାକିଥିଲେ। ତେବେ ସେଠାରେ ଦୁଇ ପକ୍ଷର ଲୋକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା, ଯାହା ପରେ ରକ୍ତପାତର ରୂପ ନେଇଥିଲା। ପଥର ଓ ଠେଙ୍ଗାରେ ଉଭୟ ଗୋଷ୍ଠୀ ପିଟାପିଟି ହୋଇଥିଲେ। ପରଜଙ୍ଗ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ଗୁରୁତର ଓ ଆହତଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲା।

ଏ ନେଇ ପରଜଙ୍ଗ ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ର କୁହନ୍ତି, ଉଭୟ ଗୋଷ୍ଠୀର ୨୦ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ଘଟଣାର ସମ୍ବେଦନଶୀଳତାକୁ ନଜରରେ ରଖି ବୁଝାଶୁଝା ଜାରି ରହିଛି।

# ମିନି ମାରାଥନ୍‌ରେ ଶିକ୍ଷା ବାର୍ତ୍ତା

**ଢେଙ୍କାନାଳ ଅଫିସ, ୨୯।୧**

'ଶିକ୍ଷା ସମସ୍ତଙ୍କ ପାଇଁ' ବାର୍ତ୍ତା ନେଇ ଢେଙ୍କାନାଳ ବାଜିଚୌକଠାରୁ ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ମିନି ମାରାଥନ୍ ରବିବାର ଅନୁଷ୍ଠିତ ହୋଇଯାଇଛି। କିଟ୍‌ର ରୌପ୍ୟ ଜୟନ୍ତୀ ସମାରୋହ ଉପଲକ୍ଷେ କିଟ୍ ଓ କିସ୍‌ର ମିଳିତ ଆନୁକୂଲ୍ୟରେ ଏହାର ଆୟୋଜନ କରାଯାଇଥିଲା। ଏଥିରେ ହକି କ୍ଲବ, ଆମେଚର ଟାଏକୋଣ୍ଡୋ ଆସୋସିଏଶନ, ଗୁରୁଦେବଜୀ ଫାଉଣ୍ଡେଶନ, ବଜରଙ୍ଗ କ୍ଲବ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ବୁଦ୍ଧିଜୀବୀଙ୍କ ସମେତ ୩୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଅତିରିକ୍ତ ଜିଲାପାଳ ଉଦୟ ମହାପାତ୍ର, ପୌର ଉପାଧକ୍ଷ ପ୍ରକାଶ କୁଅଁର, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ ମହାନ୍ତି, ଶିକ୍ଷାବିତ୍ ଡ. ଦେବୀପ୍ରସାଦ ମିଶ୍ର, ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ, ସାମାଜିକ କର୍ମୀ ବିଶ୍ୱନାଥ ବେହେରା, ଶେଷଦେବ ରାଉତ, କ୍ରୀଡ଼ା ଘୋଷକ ଅମୀୟ ଚାନ୍ଦ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷା ସଚେତନତା ନେଇ ଏଭଳି ଆୟୋଜନ ଲାଗି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ସାଧୁବାଦ ଜ୍ଞାପନ କରାଯାଇଥିଲା। କିଟ୍‌ର ମାନସ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଅଥୟ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ସମସ୍ୟା ସମାଧାନ ଦାବି କଲେ ଶିକ୍ଷକ

**ଢେଙ୍କାନାଳ ଅଫିସ, ୨୯।୧**

ଢେଙ୍କାନାଳ ସଦର ବ୍ଲକ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଶାଖାର ସାମ୍ବିଧାନିକ ସମ୍ମିଳନୀ ରବିବାର ଲେଖକ ସଂସଦ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅସିତ୍ ମିଶ୍ରଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ଜିଲା ସମ୍ପାଦକ ସଚିନ କୁମାର ନାୟକ, ପ୍ରାକ୍ତନ ଜିଲା ସମ୍ପାଦିକା ବିଦ୍ୟୁତ୍‌ଲତା ନାୟକ, କର୍ମକର୍ତ୍ତା ସୌଦାମିନୀ ଦେହୁରୀ, ପଙ୍କଜିନୀ କର ପ୍ରମୁଖ ଯୋଗଦେଇ ଶିକ୍ଷକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ସହ ଏହାର ସମାଧାନ କରିବାକୁ ଦାବି କରିଥିଲେ।


ସମ୍ମିଳନୀରେ ସଂଘର କର୍ମକର୍ତ୍ତାମାନେ।

ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ସଭାପତି ଭାବେ ବୈରାଗୀ ଚରଣ ସେଠୀ, ଉପସଭାପତି ଅନିମା ଦାସ, ମାଧବ ଚନ୍ଦ୍ର ବେହେରା, ସମ୍ପାଦକ ଶତ୍ରୁଘ୍ନ ମଲ୍ଲିକ, ଯୁଗ୍ମ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି, ରଜନୀକାନ୍ତ ସାହୁ, ତାପସ ସେଠୀ, ସାଙ୍ଗଠନିକ ସମ୍ପାଦକ ବିଷ୍ଣୁ କୁମାର ମଲ୍ଲିକ, କୋଷାଧକ୍ଷ ଅଶୋକ ଦାସ, ଉପଦେଷ୍ଟା ଅସିତ୍ ମିଶ୍ର, ପ୍ରଶାନ୍ତ ପଣ୍ଡା, ନିରାକାର ବେହେରା ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ପ୍ରଧାନ ଶିକ୍ଷକ ବିପିନ ବିହାରୀ ପାଲ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଟିଏମ୍‌ରୁ ଲୁଟ୍ ଉଦ୍ୟମ ମାମଲା: ୨ ଗିରଫ


ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦିଆଯାଉଛି।

**ଢେଙ୍କାନାଳ ଅଫିସ, ୨୯।୧**

ଢେଙ୍କାନାଳ ସଦର ଥାନା ବାରଦା ଗ୍ରାମ କାନାରା ବ୍ୟାଙ୍କ ଏଟିଏମ୍‌ରୁ ଲୁଟ୍ ଉଦ୍ୟମ ଘଟଣାରେ ପୋଲିସ ୨ ଜଣଙ୍କୁ କାବୁ କରିଛି। ସେମାନେ ହେଲେ ସଦର ଥାନା ସଦାଶିବପୁର ଗ୍ରାମର ହାଡ଼ିବନ୍ଧୁ ସେଠୀ ଓରଫ ହାଡ଼ିଆ (୨୮) ଏବଂ ସର୍ବେଶ୍ୱର ନାୟକ ଓରଫ ମଣ୍ଟୁ (୩୩)। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୫ଜଣ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ଲାଗି ତନାଘନା ଜାରି ରହିଥିବା ରବିବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି (କ୍ରାଇମ୍) ପୁରୁଷୋତ୍ତମ ସେଠୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୨୫ ତାରିଖ ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ଉକ୍ତ ଏଟିଏମ୍‌ରୁ ଟଙ୍କା ଲୁଟ୍ ଉଦ୍ୟମ କରି ବିଫଳ ହୋଇଥିଲେ। ସୂଚନା ପାଇ ପୋଲିସ ପହଞ୍ଚି ଖୋଳତାଡ଼ କରିଥିଲା। ଧରାପଡ଼ିଥିବା ୨ ଅଭିଯୁକ୍ତ ସଦର ଥାନା ଅଞ୍ଚଳରେ ଘଟିଥିବା ଅନ୍ୟ ଦୁଇ ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ଅତିରିକ୍ତ ଏସ୍‌ପି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ସଦର ଥାନାଧିକାରୀ ପ୍ରଦୀପ ପ୍ରଧାନ, ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ରାଜନୀତିରୁ ଊର୍ଦ୍ଧ୍ୱରେ ରହି କାର୍ଯ୍ୟକଲେ ବିକାଶ ସମ୍ଭବ'

**ଢେଙ୍କାନାଳ ଅଫିସ, ୨୯।୧**

## ପଲ୍ଲିଶ୍ରୀ ମେଳା, ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

ଓଡ଼ିଶା କଳାସଂସ୍କୃତିର ରାଜ୍ୟ। ରାଜ୍ୟର କଳା ଓ ସଂସ୍କୃତି ଅବକ୍ଷୟମୁଖୀ ହେଉଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ଯୋଜନା ପ୍ରସ୍ତୁତ କରି ଏହାର ବିକାଶ ପାଇଁ ଚିନ୍ତା କଲେ। ସମାଜରେ ଦେଖାଯାଉଥିବା ଅସହିଷ୍ଣୁ ମନୋଭାବକୁ ଦୂର କରିଥାଏ କଳା ଓ ସଂସ୍କୃତି। ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହି କାର୍ଯ୍ୟକଲେ ଜିଲାର ବିକାଶ ସମ୍ଭବ ବୋଲି କହିଛନ୍ତି ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ। ଢେଙ୍କାନାଳ ମିନି ଷ୍ଟାଡିୟମ୍‌ରେ ଚାଲିଥିବା ୩ ଦିନିଆ ପଲ୍ଲିଶ୍ରୀ ମେଳା ଓ ସାଂସ୍କୃତିକ ମହୋତ୍ସବ-୨୦୨୩ର ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏଭଳି ଆହ୍ୱାନ ଦେଇଛନ୍ତି।

ଜିଲାପାଳ ସରୋଜ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ସମ୍ମାନିତ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷାପ୍ରସାଦ ସିଂଦେଓ, ପୌରାଧକ୍ଷା ଜୟନ୍ତୀ ପାତ୍ର, ଉପାଧକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଜିଲା ପରିଷଦ ଉପସଭାନେତ୍ରୀ ବିଳାସିନୀ ସେଠୀ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ, ଜାତୀୟ ଏବଂ ରାଜ୍ୟସ୍ତରରେ କ୍ରୀଡ଼ା, କଳା, ସଂସ୍କୃତି ସମେତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡ଼ା ସଙ୍ଗଠନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କେ.ପି. ସିଂଦେଓ ସମ୍ବର୍ଦ୍ଧିତ ହୋଇଥିଲେ। କବି ଅଥୟ କୁମାର ସାହୁ ସଭାକାର୍ଯ୍ୟ ଏବଂ ବିଜ୍ଞାନ ମହାନ୍ତି ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଖ୍ୟାତନାମା କଣ୍ଠଶିଳ୍ପୀ ମହମ୍ମଦ ଆବିଦ୍, ସୋହିନୀ, ଶର୍ମିଳା, ମାତୃ ପ୍ରସାଦ କର ପ୍ରମୁଖଙ୍କ ସଙ୍ଗୀତ ଦର୍ଶକଙ୍କୁ ରୋମାଞ୍ଚିତ କରିଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



କେ.ପି. ସିଂଦେଓଙ୍କୁ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ସମ୍ବର୍ଦ୍ଧିତ କରୁଛନ୍ତି।



କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ନମକଣା ହତ୍ୟା ଘଟଣା: ଆଉ ଜଣେ ଅଭିଯୁକ୍ତ ଗିରଫ

ଭଣ୍ଡାରିପୋଖରୀ, ୨୯।୧ (ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀରୋଡ଼ ଫାଣ୍ଡି ଅଧୀନ ନମକଣା ହତ୍ୟାକାଣ୍ଡ ଘଟଣାରେ ଆଉ ଜଣେ ଅଭିଯୁକ୍ତଙ୍କୁ ରବିବାର ପୋଲିସ ଗିରଫ କରିଛି। ସେ ହେଲେ ଶ୍ରୀଧର ଜେନା। ପ୍ରକାଶ ଯେ, ୨୦୨୨ ଏପ୍ରିଲ ୨୪ରେ ଗ୍ରାମର ପୀତାମ୍ବର ଜେନା ମଞ୍ଜୁରୀରୋଡ଼ ବଜାରରୁ ଫେରୁଥିବା ବେଳେ ସନ୍ଧ୍ୟାରେ ମିଆଁ ଛକଠାରେ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ତାଙ୍କ ପୁଅ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ଶ୍ରୀଧର ଜେନା, ଭରତ ଜେନା ଓ ଅନ୍ୟମାନେ ସଂଘବଦ୍ଧ ଆକ୍ରମଣ କରିଥିବା ସେ ଏତଲାରେ ଉଲ୍ଲେଖ କରିଥିଲେ। ପୋଲିସ ଏକ ମାମଲା (ନଂ.୧୪୬/୨୨) ରୁଜୁ କରି ଭରତଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଘଟଣା ଦିନଠାରୁ ଫେରାର ଥିଲେ। ଏହାମଧ୍ୟରେ ଘଟଣାକୁ ୮ମାସ ବିତିଯାଇଥିବା ବେଳେ ପୋଲିସ ଅନ୍ୟ ଅଭିଯୁକ୍ତ ଶ୍ରୀଧରଙ୍କୁ ଯାଜପୁରରୁ ଗିରଫ କରିଛି।

# ୯ମ, ୧୦ମ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦିଅ

### ଓଷ୍ଟାର ଦାବି

ଛେଣ୍ଡିପଦା, ୨୯।୧(ସ୍ୱ.ପ୍ର.)



ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାତ୍ରପଡ଼ାର ମା'ବାୟାଣୀଙ୍କ ପୀଠରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ୨ୟ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉଥିବାବେଳେ ଏଥିରେ ୯ମ ଏବଂ ୧୦ମ ଶ୍ରେଣୀକୁ ସାମିଲ କରିବାକୁ ଦାବି କରାଯାଇଥିଲା।

ସଂଘ ସଭାପତି ଭାସ୍କର ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଜିଲାର ୮ ବ୍ଲକରୁ ୨୦୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ-ଶିକ୍ଷକ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଓଷ୍ଟାର ପୂର୍ବତନ ଜିଲା ସଭାପତି ରାଜକିଶୋର ସାହୁ ଯୋଗଦେଇ କର୍ମକ୍ଷେତ୍ରରେ ଶିକ୍ଷୟିତ୍ରୀ ଶିକ୍ଷକ ଭୋଗୁଥିବା ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏହାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମତବ୍ୟକ୍ତ କରିଥିଲେ। ସମସ୍ୟା ଜଣାଇବା ଲାଗି ଆଗକୁ ଆସିବା ଲାଗି ସମ୍ପାଦକ ତ୍ରିଲୋଚନ ଦାସ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପରାମର୍ଶ ଦେଇଛନ୍ତି। ଜିଲାର ୧୯୪ ବିଦ୍ୟାଳୟ ଅନୁଦାନ ମୁକ୍ତ ହୋଇଥିବାବେଳେ ଓଷ୍ଟା ପକ୍ଷରୁ ଆଉ କେତେକ ବିଦ୍ୟାଳୟକୁ ଏଥିରେ ସାମିଲ କରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ସୂଚନା ଦିଆଯାଇଥିଲା। ଉପସଭାପତି ଦିଲୀପ ପ୍ରଧାନ, ସହ ସମ୍ପାଦକ ବିଶ୍ୱରନ୍ ସାହୁ, ସହସମ୍ପାଦିକା ସରିତା ପ୍ରଧାନ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ ପ୍ରଧାନ, ହେମନ୍ତ ମିଶ୍ର, ସବୁଜ ଭୂତିଆ, ଛେଣ୍ଡିପଦା ବ୍ଲକ ସମ୍ପାଦକ ଗୌତମ ସାହୁ, ପାଲଲହଡ଼ା ବ୍ଲକ ସମ୍ପାଦକ ସୁଶାନ୍ତ ଗଡ଼ନାୟକ, କିଶୋରନଗର ବ୍ଲକ ସମ୍ପାଦକ ଉପେନ୍ଦ୍ର କୁମାର ପ୍ରଧାନ, ଓଷ୍ଟାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀକାନ୍ତ ସାହୁ, ଅନୁଗୋଳ ବ୍ଲକ ସଭାପତି ପ୍ରାଣବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ବନବିଭାଗ ଚଢ଼ାଉ, ଶାଳ କାଠ ଜବତ

ଛେଣ୍ଡିପଦା, ୨୯।୧(ସ୍ୱ.ପ୍ର)

ଛେଣ୍ଡିପଦା ବନାଞ୍ଚଳ ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀମାନେ ରବିବାର ସନ୍ଧ୍ୟାରେ କୁମୁରପେଟା ଗ୍ରାମ ନିକଟରେ ଚଢାଉ କରି ଏକ ଟାଟାଏସିଇ ଗାଡିରୁ ୧୨ଖଣ୍ଡ ଶାଗୁଆନ ଗଣ୍ଡି ଜବତ କରିଛନ୍ତି। ଚଢ଼ାଉରେ ଫରେଷ୍ଟର ମହେଶ୍ୱର ପ୍ରଧାନ, ଦିଗାମ୍ବର ନାୟକ, ଗାର୍ଡ ଆଦିକନ୍ଦ ପ୍ରଧାନ ଓ କବିତା ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି ଛେଣ୍ଡିପଦା ସେକ୍ସନ-୨ ବନାଞ୍ଚଳ ଡଙ୍ଗାପାଳ ବିଟ୍ ବରସାହି ପଞ୍ଚାୟତ ଖମାର ଗ୍ରାମ ଖଳାମାଳଠାରେ ଥିବା ଏକ ପରିତ୍ୟକ୍ତ ସ୍ଥାନରେ ଶନିବାର ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ଶାଳ କାଠ ଜବତ କରାଯାଇଛି। ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀଙ୍କ ନିର୍ଦ୍ଦେଶକ୍ରମେ ବନ କର୍ମଚାରୀ ଚଢ଼ାଉ କରି ୨୯ଟି ଚଉକାଠ ଓ ୩ଟି ଶାଳଗଣ୍ଡି ଜବତ କରିଥିଲେ। ଏ ନେଇ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ଚଢ଼ାଉରେ ଫରେଷ୍ଟର ସୁଶାନ୍ତ ନାଏକ, ଫରେଷ୍ଟ ଗାର୍ଡ ଦୀପକ ମହାନ୍ତି, ମିନତୀ ବେହେରା ପ୍ରମୁଖ ସାମିଲ ଥିଲେ।

## ଶିକ୍ଷାନୁଷ୍ଠାନ ବିକାଶରେ ସହଯୋଗ ଲୋଡ଼ା

ବଇଣ୍ଡା, ୨୯।୧(ଡି.ଏନ.ଏ.)

ଅଭିଭାବକ ଓ ଶିକ୍ଷକମାନଙ୍କ ମଧ୍ୟରେ ସମନ୍ୱୟ ରହିଲେ ଶିକ୍ଷାନୁଷ୍ଠାନଗୁଡିକର ବିକାଶ ହୋଇପାରିବ ବୋଲି ଶନିବାର କିଶୋରନଗର ବ୍ଲକ ଅଙ୍ଗପଡା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷ ବଳରାମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅଧ୍ୟାପକ ଆଶୁତୋଷ ମିଶ୍ର, ଜ୍ଞାନେନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ପ୍ରଧାନ, କ୍ରିଷ୍ଣାରାଣୀ ସାହୁ, ଅଭିଭାବକ ଆରତୀ ବେହେରା, ଲିଲି ବେହେରା, ବିନୋଦିନୀ ପ୍ରଧାନ, ଅଞ୍ଜଳି ରାଉଳ, ନିତ୍ୟାନନ୍ଦ ବେହେରା, ଅମର ବେହେରା, ଗତିକୃଷ୍ଣ ବେହେରା, ନିରୂପମା ସାହୁଙ୍କ ସମେତ ବହୁ ଅଭିଭାବକ ଯୋଗଦେଇଥିଲେ। ସେହିପରି ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଖୋଳପଦା ଯୁକ୍ତ ୨ ମହାବିଦ୍ୟାଳୟ ପରିସରରେ ଅଭିଭାବକ ଏବଂ ଶିକ୍ଷକଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ନିରୋଜକାନ୍ତ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ।




ବୈଠକରେ ଯୋଗ ଦେବାକୁ ଆସିଥିବା ଅଭିଭାବକମାନେ।

## ଜିଲାସ୍ତରୀୟ ସାଧାରଣ ସାଙ୍ଗଠନିକ ବୈଠକ



ଅନୁଗୋଳ ଅଫିସ, ୨୯।୧

ଅନୁଗୋଳ ସହର ଜଗନ୍ନାଥ ମନ୍ଦିର ପରିସରରେ ଏଏନଏମ୍ କର୍ମଚାରୀଙ୍କ ଜିଲାସ୍ତରୀୟ ସାଧାରଣ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ ମହାମାରୀ ସମୟରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ନିୟୋଜିତ ହୋଇ କରୋନା ଆକ୍ରାନ୍ତ ରୋଗୀଙ୍କ ସେବାଠାରୁ ଆରମ୍ଭ କରି କୋଭିଡ୍ ପରୀକ୍ଷା, ସଚେତନତା ଆଦି କାର୍ଯ୍ୟ ସୂଚାରୁରୂପେ ତୁଲାଇ କୋଭିଡ୍ ଯୋଦ୍ଧା ସମ୍ମାନ ପାଇଥିବା ଏଏନଏମ୍ କର୍ମଚାରୀ ପରବର୍ତ୍ତୀ ସମୟରେ ଛଟେଇ ହୋଇଛନ୍ତି। ସେମାନଙ୍କୁ ସ୍ଥାୟୀ ନିଯୁକ୍ତି, ନିଯୁକ୍ତି ସମୟରେ ବୟସସୀମାକୁ ବାଦ୍ ଦେବା ଆଦି ଦାବି ରଖି ଓଡ଼ିଶା ଏଏନଏମ୍ ୱାର୍କର୍ସ ୟୁନିୟନର ରାଜ୍ୟ ସଭାପତି ମଧୁସୂଦନ ପ୍ରଧାନ ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଏନଏମଙ୍କ ସମସ୍ୟାକୁ ତୁରନ୍ତ ବିଚାରକୁ ନେଇ ଆଶୁ ସମାଧାନ ଦିଗରେ ପଦକ୍ଷେପ ନେବାକୁ ସଂଘ ତରଫରୁ ନିବେଦନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏଏନଏମ୍ ସାଥୀ ମଧୁସ୍ମିତା ବେହେରା, ବିକାଶ ବେହେରା, ଶୈଳବାଳା ଜେନା, ଶ୍ରମିକ ନେତା ପ୍ରିୟବ୍ରତ ବେହେରା, ଗୋବିନ୍ଦ ମଲ୍ଲିକ, ଗଣେଶ୍ୱର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷାର ଅଗ୍ରଗତି ଉପରେ ପରାମର୍ଶ

ଛେଣ୍ଡିପଦା, ୨୯।୧(ସ୍ୱ.ପ୍ର)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସଦର ମହକୁମାରେ ଥିବା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ପରିସରରେ ଥିବା ସଭାଗୃହରେ ଜିଲାସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠାନର ଅଧ୍ୟକ୍ଷା ମମତା ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅନୁଷ୍ଠାନ ମଧ୍ୟରେ କବି ରାଧାମୋହନ ଗଡନାୟକଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିଲା ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମରା, ପୂର୍ବତନ ଅଧ୍ୟକ୍ଷ ସଚିଦାନନ୍ଦ ମିଶ୍ର ପ୍ରମୁଖ ଯୋଗ ଦେଇ ଶିକ୍ଷାର ଅଗ୍ରଗତି ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଅନ୍ୟାନ୍ୟ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଲକ୍ଷ୍ମଣ କୁମାର ସାହୁ, ବିକ୍ରମ ସାହୁ ମଞ୍ଚାସୀନ ରହି ନିଜ ନିଜର ଉପାଦେୟ ତଥ୍ୟ ପ୍ରକାଶ କରିଥିଲେ। ଶିକ୍ଷକ ପ୍ରଶିକ୍ଷକ ଗଣେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିଲେ। ବିକ୍ରମ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ପ୍ରଶିକ୍ଷକ ସୁଜିତ ଲୋହା ଧନ୍ୟବାଦ ଦେଇଥିଲେ।



## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ବଇଣ୍ଡା, ୨୯।୧(ଡି.ଏନ୍.ଏ.)

ଆଠମଲ୍ଲିକ ବ୍ଲକ ପାଇକସାହି ଯୁକ୍ତ ୨ ମହାବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ସସ୍ମିତା ସାହୁ ପ୍ରଶିକ୍ଷିକା ଭାବେ ଯୋଗଦେଇ ଆଧୁନିକ ସମୟରେ ମହିଳାଙ୍କ ପ୍ରତି ବଢୁଥିବା ବିପଦ ଏବଂ ଏଥିରୁ ରକ୍ଷା ପାଇବା ଦିଗରେ ଆତ୍ମରକ୍ଷା ପ୍ରଶିକ୍ଷଣର ଆବଶ୍ୟକତା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ନିରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ମୁକୁନ୍ଦ ଚନ୍ଦ୍ର ଗଡ଼ତିଆ, ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ।



ଜଣେ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

## 'ସଂକଳ୍ପ ଦ୍ୱାରା ଅସାଧ୍ୟ ସାଧନ କରାଯାଇପାରିବ'

କଣିହାଁ, ୨୯।୧(ଡି.ଏନ୍.ଏ.)

କଣିହାଁ ବ୍ଲକ କୁଲୁମା ପଞ୍ଚାୟତ ଖୁଣ୍ଡ ନିକଟବର୍ତ୍ତୀ ଶଙ୍ଖଜ୍ୟୋତି ବିଦ୍ୟାଳୟର ୧୦ବର୍ଷ ପୂର୍ତ୍ତି ଉପଲକ୍ଷେ ଦଶନ୍ଧି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ତ୍ୟାଗ, ସଂକଳ୍ପ ଦ୍ୱାରା ଅସାଧ୍ୟ କାର୍ଯ୍ୟ ସାଧନ କରାଯାଇପାରିବ। ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ବେଣୁଧର ସାହୁ, ସମ୍ମାନିତ ଅତିଥି ଭାବେ ଯୋଗ ପ୍ରଶିକ୍ଷକ ବଳରାମ ପ୍ରଧାନ ଯୋଗଦେଇ ଶିକ୍ଷାପ୍ରତି ସମର୍ପିତ ହେବା, ଏକାଗ୍ରତା ପାଇଁ ଯୋଗ, ପ୍ରାଣାୟମ କରିବା ଲାଗି ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଚେୟାରମ୍ୟାନ ଅବସରପ୍ରାପ୍ତ ପ୍ରଫେସର ଡ. ସଦାଶିବ ପ୍ରଧାନ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର କର୍ଣ୍ଣ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ବୈଷ୍ଣବ ପୃଷ୍ଟି ମଞ୍ଚ ସଞ୍ଚାଳନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ସମାରୋହରେ ମଞ୍ଚାସୀନ ଅତିଥିମାନେ।

## ଆଧୁନିକ ଦନ୍ତ ଚିକିତ୍ସା ଉପରେ ଗୁରୁତ୍ୱ

କାମାକ୍ଷାନଗର, ୨୯।୧(ଡି.ଏନ.ଏ.)

ଭାରତୀୟ ଡେଣ୍ଟାଲ ଆସୋସିଏଶନ ଅନୁଗୋଳ ବ୍ରାଞ୍ଚର ପ୍ରତିଷ୍ଠା ଦିବସ ସ୍ଥାନୀୟ ଏକ ହୋଟେଲରେ ପାଳିତ ହୋଇଯାଇଛି। ୨୦୨୩ ବର୍ଷ ପାଇଁ ସଭାପତି ଭାବେ ଡା. ଶକ୍ତିପ୍ରସାଦ ସାହୁ, ସମ୍ପାଦକ ଡା. ଦୀପକ ମାଝି, କୋଷାଧ୍ୟକ୍ଷ ଭାବେ ଡା. ନିକୋଲାସ ଚେନ୍‌ଙ୍କୁ ମନୋନୀତ କରାଯାଇଛି। ମୁଖ୍ୟ ଅତିଥି ଭାବେ ଭାରତୀୟ ଡେଣ୍ଟାଲ ଆସୋସିଏଶନର ଓଡ଼ିଶା ରାଜ୍ୟ ସଭାପତି ଡା. ମାଇକେଲ ଜନ ଯୋଗ ଦେଇଥିଲେ। ଡା. ସଞ୍ଜୀବ ରାଉତ ଆଧୁନିକ ଉପାୟରେ ଦାନ୍ତ ରୋଗର ଚିକିତ୍ସା ଉପରେ ଗୁରୁତ୍ୱାରୋପ କରିଥିଲେ। ଡା. ଶଶାଙ୍କ ସାହୁ, ପୁଷ୍ପାଞ୍ଜଳି ପ୍ରଧାନ, ପି.କେ. ମିଶ୍ର, ସ୍ୱାତୀ ସାମଲ, ସିପ୍ରା ସାହୁ, ସୁବ୍ରତ ପ୍ରଧାନ, ପି.ପି. ଗୌରବ, ରୋନକ ଚୌଧୁରୀ, ପାୟଦା ପଟ୍ଟନାୟକ, ରୁଦ୍ରନାରାୟଣ ସିଂ, ଶୁଚିସ୍ମିତା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘର କର୍ମକର୍ତ୍ତାମାନେ।

## ଆତ୍ମରକ୍ଷା କୌଶଳ ଶିଖିଲେ ୨୨୮ ଛାତ୍ରୀ

ଛେଣ୍ଡିପଦା, ୨୯।୧(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକସ୍ଥିତ ବାପୁଜୀ ମହାବିଦ୍ୟାଳୟ ପରିସରରେ ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ୧୬ ଦିନିଆ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଅମିତ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ରାଧ୍ୟାପକ ସତ୍ୟନାରାୟଣ ପ୍ରସାଦ, ଅଧ୍ୟାପିକା ଅନ୍ୟ ଅନୁରୂପା, ଚନ୍ଦନ କର ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ମହାବିଦ୍ୟାଳୟର ୨୨୮ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ଅଧ୍ୟାପିକା ମନସ୍ୱିନୀ ଦାସ ଓ ଶୁଭଶ୍ରୀ ସତ୍ୟଲକ୍ଷ୍ମୀ ସାହୁ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।



ପ୍ରଶିକ୍ଷଣ ପରେ ପ୍ରମାଣପତ୍ର ପାଇଥିବା ଛାତ୍ରୀମାନେ।

## 'ଗୌରବ ବଢ଼ାଇଛନ୍ତି ପୁରାତନ ଛାତ୍ର'

ସାତମାଇଲ, ୨୯।୧(ଡି.ଏନ୍.ଏ.)

ହିନ୍ଦୋଳ ବ୍ଲକ ଖଜୁରିଆକଟା ହାଇସ୍କୁଲରେ ରବିବାର ପୁରାତନ ଛାତ୍ର ସଂସଦର ୭ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଶିକ୍ଷାବିତ୍ କୁମୁଦ ଚନ୍ଦ୍ର ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଏମ୍‌ପି ମହେଶ ସାହୁ, ବିଧାୟିକା ସୀମାରାଣୀ ନାୟକ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଖଜୁରିଆକଟା ହାଇସ୍କୁଲରୁ ଉତ୍ତୀର୍ଣ୍ଣ ହୋଇଥିବା ବହୁ ଛାତ୍ରୀଛାତ୍ର ବିଭିନ୍ନ ପଦପଦବୀରେ ଅଛନ୍ତି। ସେମାନେ ଅଞ୍ଚଳର ଗୌରବ ବଢ଼ାଇଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟରୁ ଅବସର ନେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଅସିତ କୁମାର ଜେନାମଣି ବାର୍ଷିକ ବିବରଣୀ ପାଠ କରିଥିବାବେଳେ ବହୁ ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

